NATIONAL NEWS BULLETIN (ODIA)

27 November - 2026

Evening Bulletin : 7.15 p.m.

****

ମୁଖ୍ୟ ସମ୍ବାଦ

- ବୈଜ୍ଞାନିକ ଗବେଷଣା, ପ୍ରାଚୀନ ଗ୍ରନ୍ଥ ଓ ପାରମ୍ପରିକ ପଦ୍ଧତିର ଉତ୍ତମ ସମନ୍ୱୟରେ ଆର୍ୟୁର୍ବେଦିକ ଚିକିତ୍ସା ପ୍ରଣାଳୀକୁ ଅଧିକ ସଶକ୍ତ କରିବା ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱାରୋପ
- ବୈଶ୍ୱିକ ବାଣିଜ୍ୟ, ଶକ୍ତି ସୁରକ୍ଷା, ସଂଯୋଗୀକରଣ ଏବଂ ଅର୍ତନୈତିକ ସମୃଦ୍ଧି ଦିଗରେ ଭାରତୀୟ ମହାସାଗର କେନ୍ଦ୍ରସ୍ଥଳ ବୋଲି ଆଇଆର୍ଓ ସମ୍ମିଳନୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ମତବ୍ୟକ୍ତ ।
- ଅଦାଲତ ଅବମାନନା ଅଭିଯୋଗରେ ତାମିଲନାଡୁର ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ନୋଟିସ ଜାରି କଲେ ସୁପ୍ରିମକୋର୍ଟ ।
- ପ୍ରଧାନମନ୍ତ୍ରୀଙ୍କ ବ୍ରସେଲ୍ସ ଗସ୍ତ ଅବସରରେ ଆଗାମୀ ମାସ ୧୬ ତାରିଖରେ ବିଧିବଦ୍ଧ ଭାବେ ସ୍ୱାକ୍ଷରିତ ହେବ ଐତିହାସିକ ଭାରତ ଓ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା

ଏବଂ

- ମହିଳା ଏସୀୟ ହକି ଚମ୍ପିୟାନ୍ସ ଟ୍ରଫିର ଫାଇନାଲରେ ପ୍ରବେଶ କଲା ଚୀନ୍ ।

ପ୍ରେସିଡେଣ୍ଟ ହାଲ୍‌ସ ଆର୍ୟୁବେଦ

ବୈଜ୍ଞାନିକ ଗବେଷଣା ଏବଂ ପ୍ରାଚୀନ ଗ୍ରନ୍ଥ ଓ ପାରମ୍ପରିକ ଚିକତ୍ସା ପଦ୍ଧତିର ଉତ୍ତମ ସମନ୍ୱୟରେ ଆର୍ୟୁବେଦିକ ଚିକିତ୍ସା ପ୍ରଣାଳୀକୁ ଅଧିକ ସଶକ୍ତ କରିବା ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ଆଜି କେରଳମ୍‌ର ତ୍ରିଶୂରସ୍ଥିତ ବୈଦ୍ୟରତ୍ନମ୍ ଆର୍ୟୁବେଦ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଦନ ଦେଇ ସେ ଏହା କହିଛନ୍ତି । ଶ୍ରୀମତୀ ମୁର୍ମୁ କେରଳର ସମୃଦ୍ଧ ଆର୍ୟୁବେଦ ଐତିହ୍ୟ ଉପରେ ଆଲୋକପାତ କରି କହିଛନ୍ତି ଶାସ୍ତ୍ରୀୟ ଆର୍ୟୁବେଦ ଜ୍ଞାନର ସଂରକ୍ଷଣ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନତି୍ । ବିଭିନ୍ନ ସରକାରୀ ପ୍ରତିଷ୍ଠାନ ଏବଂ ଆନ୍ତର୍ଜାତିକ ଗବେଷଣା ସଂସ୍ଥା ସହିତ ମିଳିତ ଉଦ୍ୟମରେ ଆର୍ୟୁବେଦ ସ୍ୱାସ୍ଥ୍ୟସେବାକୁ ସଶକ୍ତ କରିବା ଲାଗି ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି ।

ଦୁଇଦିନିଆ କେରଳ ଗସ୍ତ ଅବସରରେ ଆସନ୍ତାକାଲି ରାଷ୍ଟ୍ରପତି କନ୍ନୁରର ଏଝିମାଲାସ୍ଥିତ ଭାରତୀୟ ନାଭାଲ ଏକାଡେମୀ ପାସିଙ୍ଗଆଉଟ୍ ପରେଡ୍‌ରେ ମୁଖ୍ୟଅତିଥି ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଜୟଶଙ୍କର-ଆଇଓଆର୍‌ଏ

ବୈଶ୍ୱିକ ବାଣିଜ୍ୟ, ଶକ୍ତି ସୁରକ୍ଷା, ସଂଯୋଗୀକରଣ ଏବଂ ଅର୍ତନୈତିକ ସମୃଦ୍ଧି ଦିଗରେ ଭାରତୀୟ ମହାସାଗର କେନ୍ଦ୍ରସ୍ଥଳ ବୋଲି ବୈଦେଶିକ

ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ମତବ୍ୟକ୍ତ କରିଛନ୍ତି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଭାରତୀୟ ମହାସାଗର ରିମ୍ ସଂଘ ଆଇଓଆର୍ଏ ମନ୍ତ୍ରୀସ୍ତରୀୟ ଉଦ୍‌ଘାଟନୀ ବୈଠକରେ ମତବ୍ୟକ୍ତ କରି ସେ ଏହା କହିଛନ୍ତି । ଏହି ଅଞ୍ଚଳ ଶାନ୍ତିପୂର୍ଣ୍ଣ, ସ୍ଥିର, ସୁରକ୍ଷିତ ହେବା ସହିତ ସେଠାରେ ବିକାଶ ଅନୁକୂଳ ବାତାବରଣ ଯେଭଳି ଉପଲବ୍ଧ ହୋଇପାରିବ ତାହା ଆଇଓଆର୍ଏର ମିଳିତ ଦାୟିତ୍ୱ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ସେ କହିଛନ୍ତି ଏହି ପ୍ରସଙ୍ଗରେ ଆଇଓଆର୍ଏର ଅଧ୍ୟକ୍ଷ ଭାବେ ଭାରତ ମହାସାଗର ଦୃଷ୍ଟିକୋଣ ଅନୁଯାୟୀ ପରିଚାଳିତ ହେଉଛି । ଭାରତର ଅଧ୍ୟକ୍ଷତା ସମୟରେ ବିଭିନ୍ନ କ୍ଷେତ୍ରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ପ୍ରଚେଷ୍ଟା ଜାରି ରହିଛି ବୋଲି ସେ କହିଛନ୍ତି । ଭାରତର ଅଧ୍ୟକ୍ଷତାରେ ଏହା ହେଉଛି ପ୍ରଥମ ଆଇଓଅର୍ଏ ମନ୍ତ୍ରୀସ୍ତରୀୟ ବୈଠକ ।

ଜୟଶଙ୍କର-ଆଇଓଆର୍ଏ ଡିବେଟ୍

ସମୁଦ୍ରରେ ଚଳାଚଳ କରୁଥିବା ଜାହାଜ ଏବଂ ନାବିକମାନଙ୍କ ଉପରେ ହେଉଥିବା ଆକ୍ରମଣକୁ କଦାପି ଗ୍ରହଣ କରାଯାଇ ପାରିବ ନାହିଁ । ତେବେ ଏହାକୁ ସମଗ୍ର ବିଶ୍ୱ ମିଳିତଭାବେ ମୁକାବିଲା କରିବା ଲାଗି ବୈଦେଶିକ

ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆହ୍ୱାନ ଦେଇଛନ୍ତି । ଆଜି ନୂଆଦିଲ୍ଲୀଠାରେ ଭାରତ ମହାସାଗର ରିମ୍ ସଂଘ-ଆଇଓଆର୍ଏ ମଞ୍ଚରେ ଅନୁଷ୍ଠିତ ଏକ ବିତର୍କରେ ଭାଗନେଇ ସେ ଏହା କହିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି ଏ କ୍ଷେତ୍ରରେ ଆନ୍ତର୍ଜାତିକ ନିୟମକୁ ସମ୍ମାନ ଦେବା ନିହାତି ଜରୁରୀ । ସନ୍ତ୍ରାସବାଦ ବିପକ୍ଷ କାର୍ଯ୍ୟାନୁଷ୍ଠାନ, ବେଆଇନ୍ ନିଶାଦ୍ରବ୍ୟ କାରବାର, ଜଳବାୟୁ ପରିବର୍ତ୍ତନ ଏବଂ ବିପର୍ଯ୍ୟୟ ସ୍ଥିତିରେ ସହଭାଗିଙ୍କ ସହିତ ସହଯୋଗକୁ ବୃଦ୍ଧିକରିବା ଉପରେ ଆଇଓଆର୍ଏ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଗୁରୁତ୍ୱ ଦେବାକୁ ଡକ୍ଟର ଜୟଶଙ୍କର ପରାମର୍ଶ ଦେଇଛନ୍ତି ।

ଆଇଓଆର୍ଏ-ମିଟିଂ

ସାମୁଦ୍ରିକ ସୁରକ୍ଷା, ଶକ୍ତି, ଭିତ୍ତିଭୂମି, ଗୁରୁତ୍ୱପୂର୍ଣ୍ଣ ଖଣିଜଦ୍ରବ୍ୟ କ୍ଷେତ୍ରରେ ସହଯୋଗ ସହିତ ମୁକ୍ତ ଜାହାଜ ଚଳାଚଳ ଲାଗି ଆମେରିକା ନିଜର ପ୍ରତିବଦ୍ଧତା ଦୋହରାଇଛି । ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗର୍ ଆଜି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହା କହିଛନ୍ତି । ସେ କହିଛନ୍ତି ବିଶ୍ୱସ୍ତରରେ ବାଣିଜ୍ୟ ଏବଂ ସମୃଦ୍ଧି ଲାଗି ମୁକ୍ତ ସାମୁଦ୍ରିକ ଜାହାଜ ଚଳାଚଳ ଆବଶ୍ୟକ । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୨୫ତମ ଆଇଓଆର୍ଏ ମନ୍ତ୍ରିସ୍ତରୀୟ ବୈଠକରେ ଯୋଗଦେବା ପରେ ସେ ଏହା କହିଛନ୍ତି ।

ଏହି ବୈଠକକୁ ଭାରତ ସଫଳତାର ସହ ଆୟୋଜନ କରିଥିବାରୁ ମରିସସ୍‌ର ବୈଦେଶିକ ମନ୍ତ୍ରୀ ଧନଞ୍ଜୟ ରାମଫୁଲ ପ୍ରଶଂସା କରିଛନ୍ତି । ସଂଘର ଉପାଧ୍ୟକ୍ଷ ଭାବେ ମରିସସ୍ ଭାରତ ଏବଂ ଅନ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କ ସହିତ ମିଳିତଭାବେ ନିଜର ପ୍ରତିଶ୍ରୁତି ରକ୍ଷା କରିବାରେ ପ୍ରଚେଷ୍ଟା କରିବ ବୋଲି ସେ କହିଛନ୍ତି । ସେହିଭଳି ଶ୍ରୀଲଙ୍କାର ବୈଦେଶିକ ମନ୍ତ୍ରୀ ଭିଜିଥା ହେରାଥ୍ ମଧ୍ୟ ଭାରତର ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକର ସଫଳତାକୁ ନେଇ ପ୍ରଶଂସା କରିଛନ୍ତି ।

ଏସ୍‌ସି-ଦୀପମ୍

ସୁପ୍ରିମକୋର୍ଟ ଆଜି ତାମିଲନାଡୁର ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, ମଦୁରାଇ ଜିଲ୍ଲାପାଳ ଏବଂ ଅନ୍ୟକେତେକଙ୍କ ବିରୁଦ୍ଧରେ କାର୍ଥୀଗାଇ ଦୀପମ୍ ନିର୍ଦ୍ଦେଶ ପାଳନ ଅବହେଳା ଅଭିଯୋଗରେ ଅଦାଲତ ଅବମାନନା ନୋଟିସ୍ ଜାରି କରିଛନ୍ତି । ସେହିଭଳି ସର୍ବୋଚ୍ଚ ଅଦାଲତ ଆରୁଲମିଗୁ ସୁବ୍ରମଣ୍ୟସ୍ୱାମୀ ମନ୍ଦିରର ଟ୍ରଷ୍ଟି ବୋର୍ଡକୁ ନିଲମ୍ବନ କରିଛନ୍ତି । ଏଥିସହିତ ଆସନ୍ତାକାଲି ଉଚ୍ଚାଇ-ପିଲାଇୟାର ମଣ୍ଡପମ୍‌ର ଅଗ୍ନି ବ୍ୟବହାର କରି ଥିରୁପାରାନ୍-କୁନ୍ଦ୍ରମ ଦୀପାଥୁନ୍ ପ୍ରଜ୍ୱଳନ କରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ପ୍ରସଙ୍ଗରେ ତାମିଲନାଡୁ ସରକାରୀ ଅଧିକାରୀଙ୍କ ମଧ୍ୟରେ ବିଭିନ୍ନ ଇ-ମେଲ୍, ଫୋନ୍ ତଥା ମେସେଜ୍ ଆଦାନପ୍ରଦାନ ସମ୍ପର୍କିତ ବିସ୍ତୃତ ତଥ୍ୟ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହୋଇ ସତ୍ୟପାଠ ମାଧ୍ୟମରେ

ଦାଖଲ କରିବାକୁ ତାମିଲନାଡୁ ମୁଖ୍ୟ ସଚିବଙ୍କୁ ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଭିପୁଲ ଏମ୍ ପାଞ୍ଚେଲିଙ୍କୁ ନେଇ ଗଠିତ ଏକ ବେଞ୍ଚ ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍ୟପକ୍ଷରେ ଅଦାଲତଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ପୁଲିସ ବିଫଳ ହେବାରୁ ତାମିଲନାଡୁର ଆରୁଲମିଗୁ ସୁବ୍ରମଣ୍ୟସ୍ୱାମୀ ମନ୍ଦିର ଏବଂ ଥିରୁପାରାନ୍-କୁନ୍ଦ୍ରମ ପାହାଡ଼ର ସୁରକ୍ଷା ଦାୟିତ୍ୱକୁ ସୁପ୍ରିମକୋର୍ଟ ସିଆର୍‌ପିଏଫ୍‌କୁ ହସ୍ତାନ୍ତର କରିଛନ୍ତି ।

ଇଣ୍ଡିଆ-ଇୟୁ ଏଫ୍‌ଟିଏ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ବ୍ରସେଲ୍ସ ଗସ୍ତ ଅବସରରେ ଆଗାମୀ ମାସ ୧୬ ତାରିଖରେ ଐତିହାସିକ ଭାରତ ଓ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବିଧିବଦ୍ଧ ଭାବେ ସ୍ୱାକ୍ଷରିତ ହେବ । ଭାରତରେ ଅବସ୍ଥାପିତ ୟୁରୋପୀୟ ସଂଘର ରାଷ୍ଟ୍ରଦୂତ ଜିନ୍ ଏରିକ୍ ପାକ୍ୱେଟ୍ ଆଜି ଏକ ସମ୍ବାଦ ସରବରାହ ସଂସ୍ଥାକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଏହି ଚୁକ୍ତିନାମା ସମ୍ପର୍କରେ ଦୁଇଦେଶ ମଧ୍ୟରେ ଆଲୋଚନା ସମ୍ପୂର୍ଣ୍ଣ ହୋଇଛି ଏବଂ କେବଳ ସ୍ୱାକ୍ଷର କରିବା ଲାଗି ଏହା ପ୍ରସ୍ତୁତ ହୋଇ ରହିଛି । ଏହାପରେ ସମ୍ପୃକ୍ତ ରାଜିନାମାକୁ ଯାଞ୍ଚ କରାଯାଇ ୟୁରୋପୀୟ ସଂସଦର ମଞ୍ଜୁରୀ ନିମନ୍ତେ ପ୍ରେରଣ କରାଯିବ ବୋଲି ଶ୍ରୀ ପାକ୍ୱେଟ୍ କହିଛନ୍ତି ।

ଏହି ଚୁକ୍ତିନାମାର ଅର୍ଥନୈତିକ ପ୍ରଭାବ ଉପରେ ଆଲୋକପାତ କରି ସେ କହିଛନ୍ତି ୨୦୨୫ରେ ଦ୍ୱିପକ୍ଷୀୟ ବାଣିଜ୍ୟ କାରବାର ୧୧୮ ବିଲିୟନ ୟୁରୋ ରହିଛି । ଆଗାମୀ ଦିନରେ ବାଣିଜ୍ୟିକ ଅଭିବୃଦ୍ଧି ତ୍ୱରାନ୍ୱିତ କରିବାରେ ଏହି ଚୁକ୍ତିନାମା ସହାୟକ ହେବ ବୋଲି ଶ୍ରୀ ପାକ୍ୱେଟ୍ କହିଛନ୍ତି ।

ରିଜିଜୁ ପାର୍ଲ୍ୟାମେଣ୍ଟ ସିଟିଙ୍ଗ୍ସ

ଆସନ୍ତା ସୋମବାରଠାରୁ ଆରମ୍ଭ ହେବାକୁ ଥିବା ୪ଦିନିଆ ସଂସଦ ଅଧିବେଶନରେ ସକରାତ୍ମକ ତଥା ଅର୍ଥପୂର୍ଣ୍ଣ ବିତର୍କରେ ଭାଗନେବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସମସ୍ତ ସାଂସଦଙ୍କୁ ଆହ୍ୱାନ ଦେଇଛନ୍ତି । ଆଜି ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଏହି ୪ ଦିନିଆ ଅଧିବେଶନରେ ସରକାର ଲୋକସଭାରେ ଉଲ୍ଲେଖନୀୟ ବୈଧାନିକ ପ୍ରସ୍ତାବ ଆଣିବେ । ଏତଦ୍ବ୍ୟତୀତ ଆସନ୍ତାମାସ ୨ ତାରିଖରୁ ଆରମ୍ଭ ହେଉଥିବା ରାଜ୍ୟସଭା ଅଧିବେଶନରେ ମଧ୍ୟ ଏହି ବିଧେୟକଗୁଡ଼ିକୁ ପୁନର୍ବାର ଆଗତ କରାଯିବ ବୋଲି ଶ୍ରୀ ରିଜିଜୁ କହିଛନ୍ତି । ସେ କହିଛନ୍ତି ଏ ସମ୍ପର୍କରେ ପ୍ରମୁଖ ରାଜନୈତିକ ଦଳ ଗୁଡ଼ିକର ନେତୃବୃନ୍ଦଙ୍କ ସହିତ ସେ ଆଲୋଚନା କରିବା ସହିତ ସେମାନଙ୍କର ସହଯୋଗ ଲୋଡିଛନ୍ତି । ସଂସଦର ଉଭୟ ଗୃହ କିଭଳି ସୁରୁଖୁରୁରେ କାର୍ଯ୍ୟ କରିପାରିବ ତାହା ସମସ୍ତ ସାଂସଦଙ୍କର ମିଳିତ ଦାୟିତ୍ୱ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

V/O

କେତେକ ସାଂସଦ ମାନଙ୍କର ଅଭିଯୋଗକୁ ଅଗ୍ରାହ୍ୟ କରି ଶ୍ରୀ ରିଜିଜୁ କହିଛନ୍ତି ଗୁରୁତ୍ୱପୂର୍ଣ୍ଣ ବୈଧାନିକ କାର୍ଯ୍ୟ ଲାଗି ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିପାରିବେ ଏବଂ ଏଭଳି ଅଧିବେଶନ ପୂର୍ବରୁ ମଧ୍ୟ ସଂସଦୀୟ ଇତିହାସରେ ଅନୁଷ୍ଠିତ ହୋଇଛି ବୋଲି ସେ କହିଛନ୍ତି ।

ଏମ୍‌ଏସ୍‌ଏମ୍‌ଇ ସେକ୍ଟର ଗ୍ରୋଥ୍

ଜାତୀୟ ଅର୍ଥନୀତି ରଣନୀତିରେ ଏକ ସଶକ୍ତ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର’ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଂଜୟ ମାଲହୋତ୍ରା କହିଛନ୍ତି । ଆଜି ମୁମ୍ବାଇଠାରେ ଅର୍ଥ ଓ ପୁଞ୍ଜିନିବେଶ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମାଲହୋତ୍ରା କହିଛନ୍ତି କେବଳ ବୃହତ୍ ଶିଳ୍ପାନୁଷ୍ଠାନ ମାଧ୍ୟରେ ଏକ ବିକଶିତ ଭାରତ ଗଠନ କରାଯାଇ ପାରିବ ନାହିଁ, ଏଥିଲାଗି ଛୋଟଛୋଟ ଶିଳ୍ପାନୁଷ୍ଠାନ ଗୁଡ଼ିକର ମଧ୍ୟ ଅବଦାନ ରହିଛି । ଭାରତୀୟ ଅର୍ଥନୀତିରେ ଏମ୍‌ଏସ୍‌ଏମ୍‌ଇର ଅବଦାନ ଉପରେ ଆଲୋକପାତ କରି ଶ୍ରୀ ମାଲହୋତ୍ରା କହିଛନ୍ତି ମୋଟ୍ ଜିଡିପିର ୩୧ ପ୍ରତିଶତ ଏହି କ୍ଷେତ୍ରରୁ ଆସୁଛି । ଦେଶରେ ୪୫ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଜୀବନଶୈଳୀ ପ୍ରଦାନ

କରିବା ସହିତ କୃଷି ପରେ ଏହା ଦ୍ୱିତୀୟ ସର୍ବବୃହତ୍ ନିଯୁକ୍ତିଦାତା ଭାବେ ଉଭା ହୋଇଛି ବୋଲି ଆର୍‌ବିଆଇ ଗଭର୍ଣ୍ଣର କହିଛନ୍ତି ।

ୱୋମେନ୍ସ ହକି

ମହିଳା ଏସୀୟ ହକି ଚମ୍ପିୟାନ୍ସ ଟ୍ରଫିର ଫାଇନାଲରେ ଚୀନ୍ ପ୍ରବେଶ କରିଛି । ଆଜି ଭୋପାଳଠାରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଚୀନ୍ ଜାପାନକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି ।

ଆଜି ସଂଧ୍ୟା ୭ଟାରେ ଭୋପାଳଠାରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଭାରତ-ମାଲେସିଆ ମଧ୍ୟରେ ମୁକାବିଲା ଜାରି ରହିଛି ।

କ୍ରିକେଟ୍

ଖ୍ରୀଷ୍ଟଚର୍ଚ୍ଚଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ଭାରତ ବିପକ୍ଷରେ ଆଜି ପ୍ରଥମଦିନ ଖେଳ ଶେଷସୁଦ୍ଧା ୫ ୱିକେଟ୍ ବିନିମୟରେ ୨୪୬ ରନ୍ କରିଛି । ଦଳପକ୍ଷରୁ ଟମ୍ ବ୍ଲଣ୍ଡେଲ ୫୩ ଏବଂ ଗ୍ଲେନ୍ ଫିଲିପ୍ସ ୩୬ରନ୍ କରି ଅପରାଜିତ ଅଛନ୍ତି । ଭାରତ ପକ୍ଷରୁ ଆକାଶଦୀପ ୨ଟି ୱିକେଟ୍ ନେଇଥିବାବେଳେ ଗୁର୍ନୁର ବ୍ରାର୍, ୱାଶିଂଟନ୍ ସୁନ୍ଦର ଏବଂ ଅନ୍‌ସୁଲ

କାମ୍ବୋଜ୍ ଗୋଟିଏ ଲେଖାଏଁ ଅକ୍ତିଆର କରିଛନ୍ତି । ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଏହି ଦୁଇମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ଟି ଅମୀମାଂସିତ ଭାବେ ଶେଷ ହୋଇଛି ।